# ଜୟଗୁରୁ

## ନୀଳାଚଳ ସାରସ୍ୱତ ସଂଘ, ପୁରୀ

## ଶାଖା - ଆମେରିକା ସାରସ୍ୱତ ସଂଘ

### ସପ୍ତମ ବାର୍ଷିକ ଅଧିବେଶନର କାର୍ଯ୍ୟସୂଚୀ

ତାରିଖ - ୦୧-୧୫-୧୧   ସମୟ -୦୭:୦୦-୧୧:୩୦ (ET) / ୧୨:୦୦-୧୬:୩୦ (GMT) ୧୭:୩୦-୨୨:୦୦ (IST)   ପାଳିଆ - ବିଜୟ ଭାଇ

***Phone Number – (218) 936-1100, Access Code: 62719#,   Backup Number – (218) 936-1200, Access code: 52924878***

| **Time (ET)** | **ପ୍ରଥମ ଅଧିବେଶନ (ସକାଳ ୭:୦୦ ରୁ ୮:୩୮)** | **First session (7:00am – 8:38am)** |
|---|---|---|
| 7:00 – 7:30 | ଜାଗରଣ (ଜାଗ ରେ, ଜାଗ୍ରତ ଧରଣୀ) ଜ୍ଞାନ ଭାଇ | Jaagarana (Jaaga Re, Jagrata Dharani) Gyan Bhai |
| | ପ୍ରତୀକ୍ଷା (କେବେ ଆସିବ ମୋ କୁଞ୍ଜ) ସ୍ମିତା ବାଇ ମା' | Prateeksha (Kebe Aasiba Mo Kunja) Smita Bai Maa |
| | ଆବାହନ (ଗୁରୁ ନାରାୟଣ କୃପା କରି) ବୃନ୍ଦାବନ ଭାଇ | Aabaahana (Guru Narayana Krupa Kari) Brundaban Bhai |
| 7:30 – 7:45 | ଆରତି ପ୍ରଭାକର ଭାଇ | Aarati Prabhakar Bhai |
| 7:45 – 8:00 | ବନ୍ଦନା (ବନ୍ଦେ ଶ୍ରୀଗୁରୁ) ବୃନ୍ଦାବନ ଭାଇ | Bande Shreeguru Brundaban Bhai |
| 8:00 – 8:10 | ସ୍ତୋତ୍ର ବନ୍ଦନା ଜ୍ଞାନ ଭାଇ | Stotra Bandanaa Gyan Bhai |
| 8:10 – 8:20 | ପରିଚୟ ପତ୍ର, ସମ୍ମିଳନୀ ପ୍ରାର୍ଥନା ଓ ଆସନ ମନ୍ଦିର ନିର୍ମାଣ ପାଇଁ ପ୍ରାର୍ଥନା ବିଜୟ ଭାଇ | Parichaya Patra, Sammilani & Aasana Mandira Praarthanaa Bijoy Bhai |
| 8:20 – 8:30 | ନିରାଜନା (ଶ୍ଳୋକ ୩୪) ପ୍ରଭାକର ଭାଇ | Nirajanaa (Verse 34) Prabhakar Bhai |
| 8:30 – 8:31 | ଶ୍ରୀ ଶ୍ରୀ ଗୁରୁଗୀତା (ଶ୍ଳୋକ ୫୪) ବିଶ୍ୱଜିତ୍ ଭାଇ | Shri Shri GuruGeeta (Verse 54) Biswajit Bhai |
| 8:31 – 8:35 | ଉପଦେଶ (ନବବର୍ଷରେ) ବିଜୟ ଭାଇ | Upadesha (Naba Barshare) Bijoy Bhai |
| 8:35 – 8:36 | ପରପୂଜା ନିମନ୍ତ୍ରଣ ବିଜୟ ଭାଇ | Invitation for the next session Bijoy Bhai |
| 8:36 – 8:38 | ଜୟଗୁରୁ ନାମ କୀର୍ତ୍ତନ, ପ୍ରଣାମ ଓ ଆସନ ବନ୍ଦ | Jayaguru nama kirtana and closing of aasana |

| **Time (ET)** | **ଦ୍ୱିତୀୟ ଅଧିବେଶନ (ସକାଳ ୯:୧୫ ରୁ ୧୧:୩୦)** | **Second session (9:15am – 11:30am)** |
|---|---|---|
| 9:15 – 9:30 | ଆବାହନ (କେତେ ଗୋପନ) ସୁଧାଂଶୁବାଳା ମା' | Aabaahana (Kete Gopana) Sudhansubala Maa |
| | ଆବାହନ (ବସ ହୃଦ-ସିଂହାସନେ) ଲିନା ମା' | Aabaahana (Basa Hruda-Simhasane) Leena Maa |
| 9:30 – 9:32 | ପ୍ରଣାମ ଗାନ ପରେ ପରଦା ଉନ୍ମୋଚନ | Pranaama Gaana and opening of the curtain |
| 9:32 – 9:40 | ସଂଗୀତ (ବନ୍ଦନା ଘେନା କର) ବୃନ୍ଦାବନ ଭାଇ | Song (Bandanaa Ghenaa Kara) Brundaban Bhai |
| 9:40 – 9:50 | ବାର୍ଷିକ ବିବରଣୀ ଜ୍ଞାନ ଭାଇ | Annual Report Gyan Bhai |
| 9:50 – 10:30 | ପୁସ୍ତକ ପାଠ ଓ ଆଲୋଚନା ସଂଗ୍ରାମ ଭାଇ | Book Reading and Discussion Sangram Bhai |
| 10:30 –10:40 | ସଂଗୀତ (ଏକ ଲକ୍ଷ୍ୟେ ଏକ ବାକ୍ୟେ) ଜ୍ଞାନ ଭାଇ | Song (Eka Lakshye Eka Baakye) Gyan Bhai |
| 10:40 –11:10 | ଭାବ ବିନିମୟ | Bhaaba Binimaya |
| 11:10 –11:12 | ଆସନ୍ତା ସଂଘପୂଜା ପାଇଁ ନିମନ୍ତ୍ରଣ (୧-୧୬-୧୧) ପ୍ରଭାକର ଭାଇ | Invitation for the next puja (1-16-11) Prabhakar Bhai |
| 11:12 –11:14 | ତ୍ରୁଟି ବିଚ୍ୟୁତି ପାଇଁ କ୍ଷମା ପ୍ରାର୍ଥନା ବିଜୟ ଭାଇ | Begging for forgiveness Bijoy Bhai |
| 11:14 –11:20 | ବିଦାୟ ପ୍ରାର୍ଥନା (ବିଦାୟ ବେଳାରେ) ସ୍ମିତା ବାଇ ମା' | Last Song (Bidaaya Belaare) Smita Bai Maa |
| 11:20 –11:25 | ଜୟଗୁରୁ ନାମ କୀର୍ତ୍ତନ, ପ୍ରଣାମ ଓ ଆସନ ବନ୍ଦ | Jayaguru Naama Kirtana and Closing of Aasana |
| 11:25 –11:30 | ସଂଘସେବୀଙ୍କର ଉପସ୍ଥାନ ଜ୍ଞାନ ଭାଇ | Attendance Gyan Bhai |

## ଜାଗ ରେ, ଜାଗ୍ରତ ଧରଣୀ

ଜାଗ ରେ, ଜାଗ ରେ, ଜାଗ ରେ !
ଜାଗ୍ରତ ଧରଣୀ ଶ୍ୟାମଳ-ବରଣୀ
ଉଠ, ମରମାନବ ! ଜାଗ ।୦।

ଆଉ କି ସାଜେ ପଲଙ୍କର ସୁଖଶୟନ ?
ଚେତ ଚେତ ଫେଡି ଜ୍ଞାନର ନୟନ
କାଳ ବିତେ, ଗତ ଆୟୁ ଦିନୁ ଦିନ
ପ୍ରଣମି ଗୁରୁ, ଶରଣ ମାଗ
ଜାଗ ରେ, ଜାଗ ରେ, ଜାଗ ରେ ।୧।

ମାୟା ମୋହ, ମଦ ମୂର୍ଚ୍ଛିତ ବିଶ୍ୱ
ସଙ୍କଟମୟ ପଥ, ପାନ୍ଥ, ତୁ ନିଃସ୍ୱ
ନିସ୍ତରଣେ କର, ଗୁରୁ ସର୍ବସ୍ୱ
ଡାକ ତୁ ଭରି ଅନୁରାଗ
ଜାଗ ରେ, ଜାଗ ରେ, ଜାଗ ରେ ।୨।

---

ଗୁରୁ ନାରାୟଣ କୃପା କରି ଆସିଛନ୍ତି ଆଜି ଅବତରି
ଦେଖିବାକୁ ସଂଘ ମଧୁ ମହୋତ୍ସବ କୁସୁମ ଆସନେ ନିଅ ବରି ।୦।

ଧୋଇଦିଅ ନୀରେ ଚରଣ ଯୁଗଳ
ଚାମରରେ କର ତନୁ ସୁଶୀତଳ
ଧରି ବନମାଳା ମଣ୍ଡିଦିଅ ଗଳା ମଥା ଦିଅ ପାଦେ ନତ କରି ।୧।

ଧୂପ ନଇବେଦ୍ୟ ଦେଇ ଚରଣରେ
ଆମୋଦିତ କର ଅଗୁରୁ ଗନ୍ଧରେ
ଆବାହନ କରି ଗାଅ ଜୟ ଗୀତି ରତନ ପ୍ରଦୀପ ହାତେ ଧରି ।୨।

ସତ୍ୟ ଶିବ ଚିର ଚିନ୍ମୟ ସୁନ୍ଦର
ଚୈତନ୍ୟ ଶାଶ୍ୱତ ବେଦାନ୍ତ ଭାସ୍କର
ସର୍ବ ମୂଳାଧାର କରୁଣା ସାଗର କରୁଣା କରିବେ କୃପା କରି ।୩।

ସଂସାର ଜଞ୍ଜାଳେ ବିଷୟ ବିହ୍ୱଳେ
ଭାସୁ ଅଛୁ ଚିର ଅଥଳ ଜଳରେ
ମଙ୍ଗୁଆଳ ହୋଇ ବାହି ନେଇଯିବେ କୂଳେ ପହଞ୍ଚିବ ଆସ ତରି ।୪।

## କେବେ ଆସିବ ମୋ କୁଞ୍ଜ ଦୁଆରେ

କେବେ ଆସିବ ମୋ କୁଞ୍ଜ ଦୁଆରେ
ଭାଗ୍ୟେ ସତେ ମୋର ଆସିବ ସେଦିନ
ଭେଟିବି ମୁଁ ପ୍ରିୟତମରେ ।୦।

ଗାଉଥିବ ଗୀତ ମଧୁର ତାନରେ
ଦୋଳୁଥିବ ପୁଷ୍ପ ଅଳି ଗୁଞ୍ଜନରେ
ମନ୍ଦ ସମୀରଣ ମଳୟ ସୁରଭି
ଆଣି ଭେଟୁଥିବ ପୟରେ ।୧।

ଅଳକାବଳିରେ ଚାରୁ ଚନ୍ଦ୍ରମୁଖ
ହରୁଥିବ କୋଟି ବ୍ରହ୍ମାଣ୍ଡର ଦୁଃଖ
ଟୋପି ଟୋପି ହୋଇ ଗୋରଚନାବିନ୍ଦୁ
ଶୋଭୁଥିବ ଭାଲ ପଟରେ ।୨।

ହୋଇଥିବ ଠିଆ ତ୍ରିଭଙ୍ଗ ଠାଣିରେ
ଲୋଟୁଥିବ ପୀତବାସ ଧରଣୀରେ
ରଙ୍ଗିମା ଅଧରେ ମୋହନ ମୁରଲୀ
ବାଉଥିବ କେତେ ଛନ୍ଦରେ ।୩।

ଧୋଇଦେବି ପାଦ ସୁବାସିତ ନୀରେ
ପୋଛିବି ଯତନେ ଘନ କୁନ୍ତଳରେ
ନବ ପଲ୍ଲବିତ କୁସୁମେ ସଜାଇ
ବସାଇବି ପ୍ରେମ ବେଦୀରେ ।୪।

କର୍ପୂର ଅଗୁରୁ ଲେପିବି ଶ୍ରୀଅଙ୍ଗେ
ଚରଣ ସେବିବି ସଖୀଗଣ ସଙ୍ଗେ
ପ୍ରଣୟ ଗୀତିକା ଗାଇ ସୁମଧୁରେ
ତୋଷିବି ପରାଣ ବନ୍ଧୁରେ ।୫।

ମନ ଆନନ୍ଦରେ ସର୍ବ ସଖୀ ମିଳି
ନାଚିବୁ ଉଲ୍ଲାସେ ଚଉପାଶେ ଘେରି
ମିଳନ ମାଧୁରୀ ହେରି ମନଭରି
ଭୁଲିବୁ ବିରହ ବ୍ୟଥାରେ ।୬।

## ଏକ ଲକ୍ଷ୍ୟେ ଏକ ବାକ୍ୟେ

ଏକ ଲକ୍ଷ୍ୟେ ଏକ ବାକ୍ୟେ ଏକ ହୁଅ ଭାଇ !
ଧନ୍ୟ ହୁଅ ମୃତ୍ୟୁ ଜିଣା ମହାମନ୍ତ୍ର ଧ୍ୟାୟି, 'ଜୟଗୁରୁ' ଜୟ ଗାଇ ।୦।

ଜୀବନର ଯେତେ କାଳ ଗଲା ହସି ଖେଳି
କର୍ମ ହେଲା ଶେଷ ଆସ, ଆସ ବେଗେ ଚଳି, ସର୍ବେ ଏକ ଇଚ୍ଛା ଧରି ।୧।

ନୁହଁ କେହି ପାପୀ ତାପୀ ସର୍ବେ ଭାଗ୍ୟବାନ
ଦେଉଛନ୍ତି ଡାକ, ଉଠ, ଜାଗ ଭଗବାନ, ଜାଗ ଅମୃତ ସନ୍ତାନ ।୨।

ନୟନେ ଲୋତକ ଭର, ଅନ୍ତରେ ଭକତି
ହାତେ ଅଶିଥିଳ ମୁଷ୍ଟି, ବାହୁରେ ଶକତି, ଧର ବଜ୍ର ଦୃଢ ମତି ।୩।

ବହୁମୂଲ୍ୟ ଉପଚାରେ ନାହିଁ ପ୍ରୟୋଜନ
ଥିଲେ ଆଣ ଦୁଃଖୀ ପାଇଁ ହୃଦେ ଏକ କୋଣ, ଥିଲେ ତିଳେ ହେଲେ ସ୍ଥାନ ।୪।

ନିଜେ ଅରଜିବା ଦ୍ରବ୍ୟେ କର ଅରଚନା
କଣ୍ଟା କି କୁସୁମ ହେଉ ନ କର ଶୋଚନା, ଖାଣ୍ଟି ହେଲେ ନାହିଁ ମନା ।୫।

ଅଛି ଯେବେ ତପ୍ତ ରକ୍ତ କି ସମବେଦନା
ଆସ ଧରି ଯିବା କରି ସଂଗ୍ରାମ ସାଧନା, ଏହି ଚରମ ସାଧନା ।୬।

ନାହିଁ ପରାଜୟ ଏଥି ନାହିଁ ଅପମାନ
ଅଜେୟ ଅସ୍ତ୍ର ଧାରଣେ ହୁଅ ଆଗୁଆନ, ତ୍ରିଭୁବନେ ବଳବାନ ।୭।

ଏକ ମନେ ଚାଲ ଭୟ ହୋଇବ ଖଣ୍ଡିତ
ବିଜୟ ଗୌରବେ ପଥ ହେଲାଣି ମଣ୍ଡିତ, ଗାଅ ବିଜୟ ସଙ୍ଗୀତ ।୮।

## କେତେ ଗୋପନ ଆଶା କେତେ ଗୋପନ ଭାଷା

କେତେ ଗୋପନ ଆଶା କେତେ ଗୋପନ ଭାଷା
ନିରୋଳା ଏ ମନକୋଣେ ବାନ୍ଧିଛି ବସା
ପ୍ରିୟତମ ହେ ମୋର ମୋର ପ୍ରାଣ ଠାକୁର
ତୁମ ଲାଗି ଘାରିଛି ଏ ମରମେ ନିଶା ।୦।

ଏଇ ଆସୁଛ ବୋଲି ମୋର ନୟନ ମେଲି
ତୁମ ଆସିବା ବାଟକୁ ଚାହିଁ ରହିଲି
ସତେ ଶୁଭିଗଲା କି ତୁମ ନୂପୁର ଧ୍ୱନି
ଏଇ ଦିଶିଗଲା ତୁମ ଚରଣ ବେନି
ଆସ ପରାଣ ଧନ ମୋର ରଙ୍କରତନ
ଅନ୍ଧର ଲଉଡି ଦୁରୁଦିନ ଭରସା ।୧।

କେତେଦିନ ଆଉ ଦୂରେ ଦୂରେ ରହିବ
ବିରହିଣୀ ରାଧା କେତେ ବାଧା ସହିବ
ମୋର ମରମ ତଳେ ଫୁଲ ଆସନ ପାତି
ଜାଗି ବସିଲିଣି କେତେ ଅସରା ରାତି
ଏବେ ଦିଅ ହେ ଧରା ମୁଁ ଯେ ତୁମରି ପରା
ଅସାର ନ କର ମୋର ଜାଗର ଓଷା ।୨।

## ବନ୍ଦନା ଘେନା କର

ଦେବ, ବନ୍ଦନା ଘେନା କର
ଆଜି ଏହି ଶୁଭ ମିଳନ ବାସରେ
ପ୍ରଣତି ଘେନ ଦାସର ।୦।

ମୁନି ଋଷି ବନ୍ଦ୍ୟ ସେ ପଦ-କମଳ
କେତେ ସୁକୋମଳ କାନ୍ତି ସୁମଞ୍ଜୁଳ
ଦେବତା ଗନ୍ଧର୍ବେ ସର୍ବେ ଆଜି ଠୁଳ
ବନ୍ଦିବାକୁ ସେ ପୟର ।୧।

ହୃଦୟ ପଦ୍ମେ ଶତଦଳ ପରେ
ଫୁଟି ଉଠିଅଛ ଜ୍ୟୋତି ପାରାବାରେ
ଧନ୍ୟ ହେଲା ଆଖି ହେରି ତବ ରୂପ
ଆହା ସତେ କି ମଧୁର ! ।୨।

ବନ୍ଦଇ ଆଜି ନିଖିଳ ଭୁବନ
ଶୁଭେ ବନ୍ଦନାର ସୁମଧୁର ତାନ
ଅପରୂପ ସାଜେ ସାଜିଛି ଧରଣୀ
ଘେନ ବନ୍ଦନ ତା'ର ।୩।

ବାଜି ଉଠୁଅଛି ମଙ୍ଗଳ ମହୁରୀ
ଶଙ୍ଖ ହୁଳହୁଳି ପଡୁଛି ଉଛୁଳି
'ଜୟଗୁରୁ' ନାମେ ଦିଗ ନିନାଦିତ
ନୁଆଁଉଛୁ ପଦେ ଶିର ।୪।

## ବସ ହୃଦ-ସିଂହାସନେ

ବସ ହୃଦ-ସିଂହାସନେ ଦେବତା ମୋର
ପୂରିବ ମନ-ବାସନା ସେବି ପୟର ।୦।

ହେରି ସେ ରୂପ ମୋହନ
ସାର୍ଥକ ହେବ ନୟନ
ଜ୍ଞାନ-ଅଞ୍ଜନ ଘେନାଅ କରୁଣା କର ।୧।

ମାୟା-ମୋହ ଅମା ଘୋର
ଅପସରୁ ଜୀବନର
ଜ୍ୟୋତି ରୂପ ଫୁଟିଉଠୁ ମାଗୁଛି ବର ।୨।

ବିନ୍ଦୁଏ କରୁଣା ବାରି
କଣ୍ଠେ ଦିଅ କୃପା କରି
ପିପାସିତ ପରାଣର ତୃଷା ନିବାର ।୩।

ଭବ-ସାଗର ଦୁସ୍ତର-
ଜଞ୍ଜାଳୁ କର ହେ ପାର
ଦୟାନିଧି ! ପୁରାଅ ଏ ଆଶା ମନର ।୪।

# ବିଦାୟ ବେଳାରେ

ବିଦାୟ ବେଳାରେ ଆଜି ପିୟ ପଦ ତଳେ
ବେଦନା ବିଧୁର ପ୍ରାଣେ ପ୍ରଣତି ମୋ ଢାଳେ ।୧।

ପୀରତି ପରଶ ପାଇଥିଲି ଏତେ କ୍ଷଣ
ପାଶୋରି ଥିଲି ମନରୁ ତ୍ରିତାପ ଦହନ ।୨।

ଏ ପ୍ରେମ ମିଳନ ପିଠ ଛାଡି ଯିବାପାଇଁ
ସଂସାର ଡାକଇ ଏବେ ତୁହାଇ ତୁହାଇ ।୩।

ଏତେ ପ୍ରେମ ଏତେ ସୁଖ ଛାଡି ମୁଁ କିପରି
ବିଷୟ ସଂସାରେ ଯିବି ତୁମ ସ୍ମୃତି ଧରି ।୪।

ଯେବେ ଯିବି ସେ ସଂସାରେ କରେ ପଦେ ଅଳି
ଲାଖି ରହୁ ମୋ ଆଖିରେ ତୁମ ରୂପ ଶିରୀ ।୫।

ତୁମକୁ ମୂଳରେ ରଖି କରମ କରିବି
ତୁମରି ସଂସାରେ ରହି ସଂସାର କରିବି ।୬।

ଦୁନିଆର ଝଞ୍ଜା ଯେବେ ଆସିବ ଘନାଇ
ନ ଛାଡିବି ତୁମ ପାଦ 'ଜୟଗୁରୁ' ଗାଇ ।୭।

ବିଷୟ ବିଷକୁ ଯେବେ ଏ ମନ ଧାଇଁବ
ତୁମେ ଦେଖୁଅଛ ବୋଲି ପରାଣ ବାରିବ ।୮।

ତୁମ ପାଶେ ଆସିବାକୁ ଗଣୁଥିବି ଦିନ
ତୁମ ଡାକରାକୁ ସଜ ହୋଇଥିବ ମନ ।୯।

ସକଳ ତ୍ରୁଟି ମୋହର କରି ମାରଜନ
ଦୀନନାଥ ତୁମ ପ୍ରେମେ କର ନିମଗନ ।୧୦।